# ପ୍ରତିବାଦର ପ୍ରଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଚଳିତବର୍ଷ ପ୍ରାରମ୍ଭରେ ଭାରତ ସରକାରଙ୍କ ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ (ସିଏସ୍ଏସ୍) ଅନ୍ତର୍ଗତ କର୍ମଚାରୀମାନେ ପଦୋନ୍ନତିରେ ବିଳମ୍ବ ଓ କ୍ୟାରିୟର ସମ୍ପର୍କିତ ସମସ୍ୟାଗୁଡ଼ିକୁ ନେଇ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦର ପ୍ରଭାବ ଏବେ ଦେଖିବାକୁ ମିଳିଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସିଏସ୍ଏସ୍‌ର ଚତୁର୍ଥ କ୍ୟାଡର ପୁନର୍ଗଠନ କରିବା ପାଇଁ ଏକ କମିଟି ଗଠନ କରିଛି। ଏହି କମିଟି ସିଏସ୍ଏସ୍ ଅଧିକାରୀମାନଙ୍କ କ୍ୟାରିୟରର ବର୍ତ୍ତମାନ ତଥା ଭବିଷ୍ୟତ ପ୍ରଗତିକୁ ସମୀକ୍ଷା କରିବା ସହ ସେବାକୁ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେବ। ସୂତ୍ରରୁ ଜଣାପଡ଼ିଛି ଯେ, ୪ ସଦସ୍ୟ ବିଶିଷ୍ଟ ଏହି କମିଟିର ନେତୃତ୍ୱ ନେବେ ଡିଓପିଟିର ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଏବଂ ଅତିରିକ୍ତ ସଚିବ। ଏହାବ୍ୟତୀତ ଏଥିରେ ଡିଓପିଟି ଓ ବ୍ୟୟ ବିଭାଗରୁ ଜଣେ ଲେଖାଏ ଯୁଗ୍ମ ସଚିବ ରହିବେ। ଡିଓପିଟିର ଜଣେ ଉପ-ସଚିବ ଏହି କମିଟିରେ 'ସଦସ୍ୟ ସଚିବ' ଭାବେ ରହିବେ। ଉକ୍ତ କମିଟି ସ୍ୱୟଂଶାସିତ ସଂସ୍ଥାର ଏବଂ ବୈଧାନିକ ସଂଗଠନର ପଦବୀଗୁଡ଼ିକର କ୍ୟାଡରୀକରଣ ଏବଂ ଏଯାବତ କାର୍ଯ୍ୟକାରୀ ହୋଇ ନ ଥିବା ତୃତୀୟ ପୁନର୍ଗଠନ କମିଟିର ସୁପାରିସଗୁଡ଼ିକର ପ୍ରାସଙ୍ଗିକତା ସମ୍ପର୍କରେ ଅନୁଧ୍ୟାନ କରିବ। ପୁନଶ୍ଚ ଏବକାର ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଏହା ସମୀକ୍ଷା କରିବ। ଏହା ବ୍ୟତୀତ ସିଏସ୍ଏସ୍ ଏବଂ ସେଣ୍ଟ୍ରାଲ୍ ସେକ୍ରେଟାରିଏଟ୍ କ୍ଲରିକାଲ ସର୍ଭିସ(ସିଏସ୍‌ସିଏସ୍)ର କ୍ୟାଡର କଣ୍ଟ୍ରୋଲିଂ ଅଥରିଟି ଦ୍ୱାରା କମିଟିକୁ ଅବଗତ କରାଯାଇଥିବା ଯେକୌଣସି ସମସ୍ୟାକୁ ନିରୀକ୍ଷଣ କରିବାକୁ ଉକ୍ତ କମିଟିକୁ ଅଧିକାର ପ୍ରଦାନ କରାଯାଇଛି।

### କେନ୍ଦ୍ର ନାରାଜ

କେରଳ ସରକାର, କେନ୍ଦ୍ର ଓ କେରଳ ରାଜ୍ୟପାଳ ଅରିଫ୍ ଅହମ୍ମଦ ଖାନ୍‌ଙ୍କ ମଧ୍ୟରେ ଲାଗିରହିଥିବା ବିବାଦରେ ବହୁବାର ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଆସିଛି। ଏପରିକି ଅରିଫ୍ ଏବଂ ପିନାରାୟୀ ବିଜୟନ ସରକାର ବିଭିନ୍ନ ବିଷୟ ଉପରେ ବିବାଦୀୟ ସ୍ଥିତି ସୃଷ୍ଟି କରୁଛନ୍ତି। । ଏଥିପାଇଁ ରାଜ୍ୟ ସରକାରଙ୍କ ପାଇଁ କେନ୍ଦ୍ର ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଖୁବ୍ ନିକଟରେ ସାମ୍ନାକୁ ଆସିଥିବା ଅଧ୍ୟାୟକୁ ଦେଖିବା। ଏଥିରେ ଅଧିକ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପଦବୀ ମଞ୍ଜୁରୀ ଲାଗି କେରଳର ଦାବିକୁ କେନ୍ଦ୍ର ଅଗ୍ରାହ୍ୟ କରିଦେଇଛି। ବର୍ତ୍ତମାନ କେରଳରେ ଡିଜିପି ର୍‍ୟାଙ୍କର ୪ ପଦବୀ ରହିଥିଲେ ମଧ୍ୟ ଆଉ ଦୁଇଟି ପାଇଁ କେନ୍ଦ୍ରର ସ୍ୱୀକୃତି ଚାହୁଁଛି। ସୂତ୍ରରୁ ପ୍ରକାଶ ଯେ, ରାଜ୍ୟ ପୋଲିସର ମୁଖ୍ୟ ଭାବେ ଜଣେ ନିଯୁକ୍ତ ହେଲା ପରେ ତାଙ୍କୁ ଦୁଇବର୍ଷ ମଧ୍ୟରେ ପଦବୀରୁ ବାହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରାୟକୁ ଲକ୍ଷ୍ୟକରି କେରଳ ସରକାର ଡିଜିପି ପଦବୀ ସଂଖ୍ୟା ବଢ଼ାଇବା ଲାଗି ଦାବି ଉଠାଇଛନ୍ତି। କେରଳ ରାଜ୍ୟ ପୋଲିସ ମୁଖ୍ୟ ଓ ଭିଜିଲାନ୍ସ ମୁଖ୍ୟ ହେଉଛନ୍ତି ଡିଜିପି ର୍‍ୟାଙ୍କର। ଜେଲ ଓ ଅଗ୍ନିସେବାର ମଧ୍ୟ ଡିଜିପିମାନେ ରହିଛନ୍ତି, ହେଲେ ସେମାନେ ଆଇପିଏସ୍‌ରୁ ଆସିନାହାନ୍ତି। ଏବେ କାର୍ଯ୍ୟରତ ପୋଲିସ ମୁଖ୍ୟ ଅନିଲ କାନ୍ତଙ୍କୁ ଆସନ୍ତା ବର୍ଷ ଜୁନ ପର୍ଯ୍ୟନ୍ତ ପଦବୀରେ ରହିବା ଲାଗି ସ୍ଥିର ହେବା ପରେ ଏହା ବରିଷ୍ଠ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜିପି) ଆନନ୍ଦକୃଷ୍ଣଙ୍କ ପଦୋନ୍ନତିରେ ବିଳମ୍ବ କରିଥିଲା ; ଯିଏ କି ୧୦ ମାସ ପୂର୍ବରୁ ଡିଜିପି ର୍‍ୟାଙ୍କରେ ନିଯୁକ୍ତି ଲାଗି ଯୋଗ୍ୟ ହୋଇଥିଲେ। ତାଙ୍କ ପରେ ପୋଲିସ ମୁଖ୍ୟାଳୟରେ ନିଯୁକ୍ତ କେ. ପଦ୍ମକୁମାର ଡିଜିପି ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ହୋଇଛନ୍ତି। ରାଜ୍ୟ ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ, ଆଇଏଏସ୍ କ୍ୟାଡର୍‌ର ୮ଟି ପଦବୀ ଅଛି ଯାହା ଡିଜିପି ସମାନ, ଏଣୁ ଡିଜିପି ପଦବୀ ବଢ଼ାଇବା ଦରକାର। ହେଲେ କେନ୍ଦ୍ର ଏହି ଯୁକ୍ତିରେ ରାଜି ହୋଇ ନାହିଁ।

### ଯୋଗୀଙ୍କ ଟିମ୍

ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ( ଗୃହ) ଅୱନିଶ ଅୱସ୍ଥିଙ୍କର ସାମୟିକ କ୍ଷତି ହେଲେ ମଧ୍ୟ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ପାଖରେ ଏକାଧିକ ବିକଳ୍ପ ରହିଛି ବୋଲି ଦେଖାଇ ଦେଇଛନ୍ତି । ତାଙ୍କର ଅତ୍ୟନ୍ତ ପ୍ରିୟ ଅଧିକାରୀ ଅୱସ୍ଥିଙ୍କୁ ପରାମର୍ଶଦାତା ଭାବେ ଫେରାଇ ମୁଖ୍ୟମନ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ 'ଟିମ୍ ଯୋଗୀ ଏବେ ବି ସକ୍ରିୟ ଦାୟିତ୍ୱରେ ରହିଛନ୍ତି। ଯୋଗୀ ତାଙ୍କ 'ଡବଲ୍ ଇଞ୍ଜିନ ସରକାର' ଚଳାଇବାକୁ ଅୱସ୍ଥିଙ୍କ ସହିତ ଅଧା ଡଜନ ପ୍ରଶାସନିକ ବିଜ୍ଞମଣ୍ଡଳୀଙ୍କ ଉପରେ ନିର୍ଭର କରୁଛନ୍ତି। ଏହି ଅଧିକାରୀମାନଙ୍କ ମଧ୍ୟରେ ସବୁଠୁ ପ୍ରଭାବଶାଳୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଶଶୀ ପ୍ରକାଶ ଗୋୟଲ। ସେ ମୁଖ୍ୟମନ୍ତ୍ରୀ ଦପ୍ତର(ସିଏମ୍‌ଓ)ରେ ପହଞ୍ଚୁଥିବା ପ୍ରତ୍ୟେକ ଫାଇଲକୁ ଅନୁଧ୍ୟାନ କରୁଛନ୍ତି। ସିଏମ୍‌ଓରେ ଆଉ ଜଣେ ପ୍ରଭାବଶାଳୀ ଅଧିକାରୀ ହେଉଛନ୍ତି ପ୍ରମୁଖ ଶାସନ ସଚିବ ସଞ୍ଜୟ ପ୍ରସାଦ। ଏହାବାଦ୍ କେନ୍ଦ୍ରରୁ ଫେରିବା ପରେ ଦୁର୍ଗାଶଙ୍କର ମିଶ୍ର ଅଧିକ ଲାଭ ପାଇଛନ୍ତି। ତାଙ୍କୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ଅବସରର ମାତ୍ର ଦୁଇଦିନ ପୂର୍ବରୁ ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରିତ କରାଯାଇଛି। ଏହି ସମୟରେ ଯୋଗୀଙ୍କ ନମ୍ବର ୱାନ୍ ପସନ୍ଦ କୁହାଯାଉଥିବା ଡି.ଏସ୍. ଚୌହାନ କାର୍ଯ୍ୟବାହକ ପୋଲିସ ମହାନିର୍ଦ୍ଦେଶକ ( ଡିଜିପି) ଅଛନ୍ତି। ଚୌହାନ ମଧ୍ୟ ଇଣ୍ଟେଲିଜେନ୍ସ ମହାନିର୍ଦ୍ଦେଶକ ଏବଂ ଭିଜିଲାନ୍ସର ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳୁଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସ୍ତ ଭାବେ ଆଇନ ଶୃଙ୍ଖଳା ସମ୍ପର୍କିତ ବିଷୟଗୁଡ଼ିକରେ ଯୋଗୀଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଥାନ୍ତି। ଯୋଗୀଙ୍କ ଏହି ଟିମ୍ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନାର ଦେଖାରଖା କରିବା ସହ ଆଇନ ଶୃଙ୍ଖଳା ବଜାୟ ରଖି କ୍ଷମତାସମ୍ପନ୍ନ ପୋଲିସ ବି ସରକାରଙ୍କୁ ଚର୍ଚ୍ଚାରେ ରଖିଛି।

Email: dilipcherian@gmail.com

# ଅନ୍ଧାର ଘର



ଶୈଳେନ୍ଦ୍ର ଦ୍ୱିବେଦୀ

ଗଞ୍ଜାମ ଜିଲାରେ ଗୁଣି ଗାରେଡ଼ି ସନ୍ଦେହରେ ଗ୍ରାମବାସୀମାନେ ଜଣେ ମହିଳାଙ୍କ ସ୍ୱାମୀଙ୍କ ସମେତ ଆଉ କେତେ ଜଣଙ୍କୁ ଅଟକ ରଖିଥିବାରୁ ମହିଳା ଜଣକ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଗ୍ରାମବାସୀମାନେ ସେହି ୫୦ ବର୍ଷ ବୟସ୍କା ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ, ଯାହା ତାଙ୍କର ମୃତ୍ୟୁର କାରଣ ହେଲା। ଏକ ରିପୋର୍ଟ ଅନୁସାରେ ୨୦୧୪ରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ପାଖାପାଖି ୪୦୦ ଲୋକଙ୍କୁ ଡାହାଣୀ/ଗୁଣିଗାରେଡ଼ି ସନ୍ଦେହରେ ନିର୍ମମ ହତ୍ୟା କରାଯାଇଛି। କେବଳ ଓଡ଼ିଶା ନୁହେଁ, ଭାରତର ନିର୍ଦ୍ଦିଷ୍ଟ କେତେକ ରାଜ୍ୟରେ କୁସଂସ୍କାର ଆପଣା ମୂଳଦୁଆ ମଜଭୁତ କରି ରଖିଛି। ଆମ ରାଜ୍ୟରେ ଏମିତି ନୃଶଂସ ଘଟଣାର ପୁନରାବୃତ୍ତି ବହୁବର୍ଷ ଧରି ହେଉଛି। ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଆକ୍ସନ ଏଡ୍‌ର ମିଳିତ ଉଦ୍ୟମରେ ଡିସେମ୍ବର ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟ (Witch Hunting in Odisha) ଦର୍ଶାଇଛି ନିରକ୍ଷରତା, ସଚେତନତାର ଅଭାବ ଏବଂ ଲିଙ୍ଗଗତ ବୈଷମ୍ୟ। ଓଡ଼ିଶା ସମେତ ଭାରତର କିଛି ରାଜ୍ୟରେ ଏମିତି ଅମାନୁଷିକ ବ୍ୟବହାର ଅବ୍ୟାହତ ରହିଛି। ଆମ ରାଜ୍ୟରେ Odisha Prevention of Witch Hunting Act ୨୦୧୩ ରୁ କାର୍ଯ୍ୟକାରୀ ହୋଇଥିବା ସ୍ଥଳେ ସ୍ଥିତିରେ ଲକ୍ଷଣୀୟ ସୁଧାର ନାହିଁ। ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ଼, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ବାଲେଶ୍ୱର, କନ୍ଧମାଳ, ନୟାଗଡ଼ ଓ ଗଜପତି ଜିଲା ଉପରେ ପର୍ଯ୍ୟବସିତ ଏହି ରିପୋର୍ଟ ଉଲ୍ଲେଖ କରିଛି ଯେ ୨୦୦୦ରୁ ୨୦୧୬ ଭିତରେ ଭାରତରେ ୨୫୦୦ରୁ ସାମାନ୍ୟ ଅଧିକ ସ୍ତ୍ରୀ ଓ ପୁରୁଷଙ୍କୁ ଗୁଣିଗାରେଡ଼ି, ତନ୍ତ୍ରପୂଜା/ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଛି। ହାରାହାରି ମୃତ୍ୟୁସଂଖ୍ୟା ବର୍ଷକୁ ୧୫୦।

ସମସ୍ୟା ଗମ୍ଭୀର କେବଳ ମୃତ୍ୟୁସଂଖ୍ୟାକୁ ନେଇ ନୁହେଁ ବରଂ କୁସଂସ୍କାରମାନଙ୍କର। ସମାନ ଅବସ୍ଥା ଆସାମ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ମେଘାଳୟ ପରି ରାଜ୍ୟର। ଘରେ ବିବାଦ ଲାଗିରହୁ, ହଠାତ୍ କାହାର ଦେହ ଖରାପ ହେଉ, ଗାଁ ଗହଳିରେ ପ୍ରଥମେ ସନ୍ଦେହ କରାଯାଏ ଯେ କେହି ଗୁଣିଗାରେଡ଼ି କରୁଛି/ ତନ୍ତ୍ରମନ୍ତ୍ର କରୁଛି। ଏମିତି ସନ୍ଦେହ ମୂଳରେ ତଥ୍ୟ ପ୍ରମାଣ ନ ଥାଏ। ସର୍ଭେରୁ ଜଣାପଡ଼ିଛି, ଆମ ରାଜ୍ୟରେ ଏମିତି ସର୍ବାଧିକ ଘଟଣା ଘଟୁଛି ମୟୂରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, କେନ୍ଦୁଝର ଓ ଗଜପତିରେ (ମୋଟ ମାମଲାର ୮୩ଭାଗ)। ଅଧ୍ୟୟନରୁ ଜଣାପଡ଼ିଛି ଯେ ଡାହାଣୀ ସନ୍ଦେହରେ ହତ୍ୟାର ଅନ୍ୟାନ୍ୟ କାରଣ ମଧ୍ୟରେ ରହିଛି ପରିବାରରେ ଶିଶୁମାନଙ୍କ ଅସୁସ୍ଥତା, ମୃତ୍ୟୁ, ଜମିବାଡ଼ି ବିବାଦ, ମାନସିକ ସ୍ୱାସ୍ଥ୍ୟହାନି ଏବଂ ଫସଲ ନଷ୍ଟ ହେବା। ଏକଥା ମଧ୍ୟ ଜଣାପଡ଼ିଛି ଯେ ୩୦ ପ୍ରତିଶତ ମାମଲା ଥାନା ଦୁଆରକୁ ଯାଏ ନାହିଁ, ଅର୍ଥାତ୍ ଲଜ୍ଜା, ଲୋକନିନ୍ଦା ଏବଂ ଅପମାନ ଯୋଗୁ ପୀଡ଼ିତ ପରିବାର ଗାଁ ଛାଡ଼ି ଚାଲିଯିବାକୁ ବାଧ ହୁଅନ୍ତି। ପଞ୍ଚାୟତ, ବରିଷ୍ଠ ନାଗରିକ ଏବଂ ମୋଟ ଉପରେ ନାଗରିକ ସମାଜରୁ ଯେଉଁ ହସ୍ତକ୍ଷେପ ଆଶା କରିଥାନ୍ତି ତାହା ମିଳେନାହିଁ। ଭୟଙ୍କର ସାମାଜିକ-ଅର୍ଥନୈତିକ ବୈଷମ୍ୟ, ନିରକ୍ଷରତା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଅଭାବ ଏବଂ ଲିଙ୍ଗଗତ ବିଭେଦ ସମସ୍ୟାକୁ ଜଟିଳ କରିଛି। ଅଧିକାଂଶ ସମୟରେ ଏହାର ଶିକାର ହେଉଛନ୍ତି ସୀମାନ୍ତରିତ ଓ ଦଳିତ।



ଆମ ରାଜ୍ୟରେ ୨୦୧୩ରେ ୱିଚ୍ ହଣ୍ଟିଂ ଆଇନ ଆସିବା ପରେ ୨୦୧୫, ୨୦୧୬ ଏବଂ ୨୦୧୭ରେ ରୁଜୁ ହୋଇଥିବା ମାମଲା ସଂଖ୍ୟା ଯଥାକ୍ରମେ ୫୮,୮୩ ଏବଂ ୯୯। ଭାରତର କିଛି ଅଞ୍ଚଳରେ ସକ୍ରିୟ ରହିଥିବା ଏହି ଜଘନ୍ୟ କୁସଂସ୍କାରକୁ ତୁଳନା କରାଯାଇଛି ଦକ୍ଷିଣ ଆଫ୍ରିକାର ଅନଗ୍ରସର ଇଲାକାମାନଙ୍କ ସହିତ। ୨୦୧୬ରେ ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ଡାହାଣୀ ସନ୍ଦେହରେ ୧୩୪ ଜଣଙ୍କୁ ହତ୍ୟା କରାଯାଇଥିଲା। ଗବେଷକମାନଙ୍କ ମତ ହେଉଛି, ଅସଲ ମାମଲା ଓ ମୃତ୍ୟୁ ସଂଖ୍ୟା ୟା'ଠାରୁ ଯଥେଷ୍ଟ ଅଧିକ। ସେମାନେ ଏକଥା ମଧ୍ୟ କହନ୍ତି, ବିଭିନ୍ନ ରାଜ୍ୟରେ ୱିଚ୍ ହଣ୍ଟିଂକୁ ନେଇ ରହିଥିବା ଆଇନରେ ଖସିଯିବା ପାଇଁ ଗଳାବାଟ ରହିଛି। ମହିଳାମାନଙ୍କୁ ଡାହାଣୀ ଆଖ୍ୟା ଦିଆଯିବା, ଗାଁ ଦାଣ୍ଡରେ ଉଲଗ୍ନ କରିବା ଏବଂ ସେମାନଙ୍କୁ ଜିଅନ୍ତା ଜାଳିଦେବା ଭଳି ଘଟଣା ଏବେ ମଧ୍ୟ ଆମ ଦେଶରେ ଘଟୁଛି, ଯାହାକୁ ଜାତୀୟ ଲଜ୍ଜା ଛଡ଼ା ଆଉ କିଛି କହିହେବ ନାହିଁ। ଏକାଧିକ ସ୍ୱାଧୀନ ଅଧ୍ୟୟନ ସୂଚାଇଛନ୍ତି, ଆକ୍ରମଣରେ ଶିକାର ହୋଇଥିବା ଅନେକ ପୀଡ଼ିତାଙ୍କ ବୟସ ୪୦ରୁ ୬୦ ଭିତରେ ଏବଂ ଅଧିକାଂଶ ଅର୍ଥନୈତିକ ସ୍ଥିତିରେ ଖୁବ୍ ଦୁର୍ବଳ। ଜଣାପଡ଼ିଛି, ଅଧିକାଂଶ ସମୟରେ ଗ୍ରାମବାସୀ ଏକଜୁଟ ହୋଇ ଆକ୍ରମଣ କରିଥାନ୍ତି। ସେଥିପାଇଁ ଅଦାଲତରେ ଯେତେବେଳେ ମାମଲା ରୁଜୁ ହୁଏ ଅନେକ କ୍ଷେତ୍ରରେ ପ୍ରମାଣ ଅଭାବରୁ ଅପରାଧୀ ଖସିଯାଆନ୍ତି। ଦୁର୍ଭାଗ୍ୟ ସେତିକି ନୁହେଁ, ଝାଡ଼ଖଣ୍ଡ, ବିହାର,ଛତିଶଗଡ଼ ପରି ରାଜ୍ୟରେ ଉଚ୍ଚ ଅଦାଲତରେ ଅପିଲ ମଧ୍ୟ ଖୁବ୍ କମ୍ ରୁଜୁ ହୁଏ। ନିକଟରେ ଜାତୀୟ ମାନବାଧିକାର କମିଶନଙ୍କଠାରେ ଦାଏର ହୋଇଥିବା ଏକ ମାମଲାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏହାର ଅନୁପାଳନ ହେଉ। ସରକାର ନିୟମିତ ବ୍ୟବଧାନରେ ସମୀକ୍ଷା କରନ୍ତୁ।

ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ୨୦୨୧ରେ କରାଯାଇଥିବା ସ୍ୱାଧୀନ ଅଧ୍ୟୟନ ଇଙ୍ଗିତ କରିଛି ଯେ କେନ୍ଦୁଝର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ସେବା ଦୁର୍ବଳ ହୋଇଥିବାରୁ ସୀମାନ୍ତରିତମାନେ ଗୁଣି ଗାରେଡ଼ି/ ତନ୍ତ୍ର ସାଧନାର ଆଶ୍ରୟ ନେଉଛନ୍ତି, ଯାହା ପ୍ରକାରାନ୍ତରେ କୁସଂସ୍କାରକୁ ପ୍ରୋତ୍ସାହନ ଦେଉଛି। ୨୦୧୭ରେ ଡାହାଣୀ ସନ୍ଦେହରେ ଓଡ଼ିଶାରେ ୯୯ ମାମଲା ରୁଜୁ ହୋଇଥିବା ବେଳେ ୧୮ ଜଣଙ୍କ ମୃତ୍ୟୁ ଘଟିଛି । ୨୦୧୮ରେ ୭୩ଟି ମାମଲାରେ ୧୯ଜଣ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେତିକି ନୁହେଁ, ଡାହାଣୀ ସନ୍ଦେହରେ ମହିଳାଙ୍କ ମୁଣ୍ଡ କାଟି ଦିଆଯାଇଛି, ପଥରରେ ବାଡ଼େଇ ଦାନ୍ତ ଭାଙ୍ଗି ଦିଆଯାଇଛି ଏବଂ ଅତ୍ୟନ୍ତ ନୃଶଂସ ଭାବରେ ଜିଭ ବି କାଟି ଦିଆଯାଉଛି। ୨୦୨୧ରେ ଆମ ରାଜ୍ୟରେ ଡାହାଣୀ/ଗୁଣି ଗାରେଡ଼ି ସନ୍ଦେହରେ ମାସିକ ମୃତ୍ୟୁ ସଂଖ୍ୟା ହାରାହାରି ୪।

ତଥ୍ୟ ଅନୁସାରେ ୱିଚ୍ ହଣ୍ଟିଂ ଆଇନରେ ଏ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୬୧ଟି ଏତଲା ରୁଜୁ ହୋଇଛି, ଯେଉଁଥିରୁ ୪୦ଟି ମାମଲା ଗମ୍ଭୀର। ମୟୂରଭଞ୍ଜରେ ସର୍ବାଧିକ ମାମଲା ୨୫, ତା' ତଳକୁ କେନ୍ଦୁଝର ୧୧। ଏହା ମଧ୍ୟ ସ୍ମରଣ କରେଇ ଦିଏ ଯେ ଦେଶର ସବୁଠୁ ସମୃଦ୍ଧ ଏବଂ ସଭ୍ୟ ରାଜ୍ୟ କେରଳରେ ମଧ୍ୟ ଡାହାଣୀ ସନ୍ଦେହରେ ବର୍ବରୋଚିତ ଘଟଣା ଘଟୁଛି। କେତେ ହଜାର ବର୍ଷ ତଳୁ ଯାହା ଆମ ଆଦିମ ସଭ୍ୟତାର ଅଂଶ ଥିଲା, ତାହା ଆଜି ବି ଅପରିବର୍ତ୍ତିତ ରହିଛି। ଆମେ ଏକ ପ୍ରକାର ଅନ୍ଧାର ଘରେ ରହିଛୁ। ଅର୍ଥାତ୍ ଚେତନାର ଖଣ୍ଡଗ୍ରାସ ଅବ୍ୟାହତ ରହିଛି।

ମୋ-୯୪୩୭୧୩୭୦୬୦
sailendradwivedi@gmail.com

# ସୁନକ ଓ ବ୍ରିଟେନର ଆର୍ଥିକ ସଙ୍କଟ



ସୌରଜିତ ପ୍ରଧାନୀ

ଋଷି ସୁନକ ବ୍ରିଟେନର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ପଦବୀକୁ ଉନ୍ନୀତ ହୋଇଛନ୍ତି। ରାଜକୋଷର କୁଳାଧିପତି ଭାବେ ସେ କୋଭିଡ୍ ମହାମାରୀ ସମୟରେ ଆର୍ଥିକ ନୀତି ନିର୍ଦ୍ଧାରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମର୍ଯ୍ୟାଦାଜନକ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଅର୍ଥନୀତି ବିଷୟରେ ତାଙ୍କର ଜ୍ଞାନର ପ୍ରାରମ୍ଭିକ ମୂଳଦୁଆ ପ୍ରଭାବଶାଳୀ ଢଙ୍ଗରେ ପଡ଼ିଥିଲା। ଗୋଲ୍ଡମ୍ୟାନ୍ ସାକ୍ସରେ ତାଙ୍କର କାର୍ଯ୍ୟକାଳ ଆର୍ଥିକ ଓ ପୁଞ୍ଜି ବଜାରକୁ ନେଇ ବୁଝାମଣା ବହୁତ ଭଲ କରିଥାଏ। ୨୦୧୫ରେ ସୁନକ ସାଂସଦ ହୋଇଥିଲେ, ସାତ ବର୍ଷ ମଧ୍ୟରେ ଶୀର୍ଷରେ ପହଞ୍ଚିବା ତାଙ୍କ ପାଇଁ ଏକ ଅସାଧାରଣ ଯାତ୍ରା। ଆଜି ବ୍ରିଟେନ୍ 'ତୃତୀୟ ବିଶ୍ୱ ସମସ୍ୟା' ଦେଇ ଗତି କରୁଛି। ମୁଦ୍ରାସ୍ଫୀତି ହାର ୧୦.୧% ; ପାଉଣ୍ଡ ମୁକ୍ତ ପତନରେ ଅଛି ଏବଂ ପିଏମ୍‌ଆଇ ୪୨%। ମୁଡିଜ୍ ବ୍ରିଟେନର ଅଭିବୃଦ୍ଧି ଦୃଷ୍ଟିକୋଣକୁ 'ସ୍ଥିର'ରୁ 'ନକାରାତ୍ମକ' ସ୍ତରକୁ ଖସାଇ ଦେଇଛି। ଦୀର୍ଘମିଆଦୀ ସରକାରୀ ବଣ୍ଡର ଲାଭ ବଢ଼ିବାରେ ଲାଗିଛି। ମୋଟାମୋଟି ଭାବେ କହିବାକୁ ଗଲେ ବ୍ରିଟେନ୍ ଏହି ସମୟରେ ଏକ 'ବର୍ଣ୍ଣିଂ ଡେକ୍'। ସୁନକଙ୍କୁ ପ୍ରଥମେ ବଜାରକୁ ଆଶ୍ୱାସନା ଦେବାକୁ ହେବ ଯେ, ପପୁଲିଜମର ଆଭିମୁଖ୍ୟ ନେଇ ବିତ୍ତୀୟ ନିଅଣ୍ଟ ବଢ଼ିବ ନାହିଁ।

ବ୍ରିଟିଶ୍ ସରକାରର ବଣ୍ଡ ଓ ବ୍ରିଟିଶ୍ ପାଉଣ୍ଡ ନିରଙ୍କୁଶ ଭାବେ ଚାଲିଯିବା ପରେ ସୁନକ୍ କ୍ଷମତାକୁ ଆସିଥିଲେ। ଲିଜ୍ ଟ୍ରସଙ୍କ ବିପର୍ଯ୍ୟସ୍ତ 'ମିନିବଜେଟ' ବ୍ରିଟିଶ୍ ବଜାରକୁ ଦୋହଲାଇ ଦେଇଥିଲା। ଏହା ଅବାସ୍ତବ ଥିଲା, ଯାହା ବ୍ରିଟେନକୁ ଆର୍ଥିକ ବିଶ୍ୱସନୀୟତାର ସଙ୍କଟର ସମ୍ମୁଖୀନ କରାଇଥିଲା। ଦୀର୍ଘମିଆଦୀ ଆର୍ଥିକ ସମସ୍ୟା ଉଚ୍ଚ ମୁଦ୍ରାସ୍ଫୀତି ଦ୍ୱାରା ବ୍ୟାହତ ହେଉଛି। କୋଭିଡ୍ ପରବର୍ତ୍ତୀ ସମୟରେ ଚାହିଦାରେ ବୃଦ୍ଧି, ୟୁକ୍ରେନ-ରୁଷ ଯୁଦ୍ଧ ଯୋଗୁ ଶକ୍ତି ସଙ୍କଟ ଏବଂ ପ୍ରତିରକ୍ଷା କ୍ଷେତ୍ରର ବିପୁଳ ଖର୍ଚ୍ଚ ଅର୍ଥନୀତିକୁ ଦୋହଲାଇ ଦେଇଛି। କୋଭିଡ୍ ମହାମାରୀ ସମୟରେ ଅର୍ଥ ବ୍ୟବସ୍ଥାରେ ପ୍ରଚୁର ପରିମାଣରେ ନଗଦ ଅର୍ଥ ବ୍ୟୟ ହେବା ଫଳରେ ବିଗତ ୪୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ସର୍ବାଧିକ ସ୍ତରକୁ ବୃଦ୍ଧି ପାଇଛି। ବିତ୍ତୀୟ ସଂଯମ ଉପରେ ଧ୍ୟାନ ଦେଉଥିବା ପ୍ରଶାସନ ସରକାରଙ୍କୁ କମ୍ ଖର୍ଚ୍ଚରେ ଋଣ ନେବାକୁ ବାଧ କରିପାରେ। ସୁନକଙ୍କୁ ଏକ କଠୋର ସରକାରର ଚାମ୍ପିୟନ ଭାବେ ଦେଖାଯାଏ। ତାଙ୍କ ଦୃଷ୍ଟିରେ ସାର୍ବଜନୀନ ଖର୍ଚ୍ଚ ଜିଡିପିର ୪୦%ରୁ କମ୍ ହେବା ଉଚିତ। ପରିବର୍ତ୍ତନ ହେବା ପରଠାରୁ ପାଉଣ୍ଡ ସୁସ୍ଥ ହେଉଛି ଏବଂ ୱେଷ୍ଟମିନିଷ୍ଟର କଞ୍ଜରଭେଟିଭ୍ ରାଜନେତାମାନେ ୨୦୨୫ ପାଇଁ ଦଳକୁ ପ୍ରସ୍ତୁତ କରିବା ପାଇଁ ସୁନକଙ୍କ ଉପରେ ଭରସା କରିଛନ୍ତି।

ୟୁରୋପୀୟ ସଂଘରୁ ବ୍ରିଟେନ୍ ବାହାରିବା ପାଇଁ ଦୃଢ଼ସ୍ୱର ଉତ୍ତୋଳନ କରିଥିବା ବୋରିସ୍ ଜନ୍‌ସନ୍‌ଙ୍କ ଭଳି ସୁନକ୍ ମଧ୍ୟ ବ୍ରେକ୍ସିଟ ସପକ୍ଷବାଦୀ ଥିଲେ। ସେ ଦେଖିଥିଲେ ଯେ 'ରିମେନର' ଡେଭିଡ୍ କାମେରୁନଙ୍କଠାରୁ 'ଲିଭର୍' ଜନସନଙ୍କ ପାଖକୁ କ୍ଷମତା ସ୍ଥାନାନ୍ତରିତ ହୋଇଛି। ଟ୍ରସଙ୍କ 'ମିନି ବଜେଟ' ସେହି ନିଷ୍ପତ୍ତିକୁ ବୈଧତା ଦେବା ଦିଗରେ କିଛି ମାତ୍ରାରେ ଏକ ପଦକ୍ଷେପ ଥିଲା। ଏହି ନିଷ୍ପତ୍ତିକୁ ବିଶ୍ୱ ବଜାର ଓ ଅର୍ଥନୀତି ସକାରାତ୍ମକ ଭାବେ ସ୍ୱାଗତ କରିଛନ୍ତି। ସୁନକ ନୂଆ ପ୍ରଧାନମନ୍ତ୍ରୀ ହେବା ଖବରକୁ ନେଇ ଶେୟାର ବଜାର ଓ ପାଉଣ୍ଡରେ କିଛିଟା ସୁଧାର ଆସିଛି। ୧୦ ଡାଉନିଂ ଷ୍ଟ୍ରିଟ୍ ତାଙ୍କର ପଦୋନ୍ନତି ଆର୍ଥିକ ଓ ଅର୍ଥନୈତିକ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇଛି। ବ୍ରେକ୍ସିଟ ପରେ ବିଭିନ୍ନ ଦେଶ ସହ ନୂଆ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବା ସୁନକଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ୟୁରୋପୀୟ ସଂଘ ସହ ଚୁକ୍ତି କରିବା ପାଇଁ ଅନେକ ଆଲୋଚନାକୁ ଅପେକ୍ଷା କରାଯାଇଛି। ଆମେରିକା, ଚାଇନା, ଭାରତ ଆଦି ଦେଶ ସହିତ ମଧ୍ୟ ଅନେକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବାର ଅଛି।



ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ତୃତୀୟ ବୃହତ୍ ଅର୍ଥନୀତି ହୋଇଥିବାରୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସାମଗ୍ରିକ ସଫଳତା ପାଇଁ ବ୍ରିଟେନର ଆର୍ଥିକ ସଫଳତା ଅପରିହାର୍ଯ୍ୟ ହୋଇପଡ଼ିବ। ତାହା ହାସଲ କରିବା ପାଇଁ ସୁନକଙ୍କୁ ଏକା ସମୟରେ ଉଭୟ ସାହସୀ ହେବା ସହ ବାସ୍ତବବାଦୀ ହେବା ଆବଶ୍ୟକ। ଲିଜ୍ ଟ୍ରସ୍ ଏକ 'ଆଇଡୋଲୋଜିକାଲ ଫ୍ରଣ୍ଟ' ନେଇ କ୍ଷମତାକୁ ଆସିଥିଲେ। ନିଜ ଦଳ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ପୂର୍ବବର୍ତ୍ତୀ ଆଭିମୁଖ୍ୟକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ ସେ ଆଇନ ପ୍ରଣୟନ କରିଥିଲେ। ସୁନକ ନିଶ୍ଚୟ ଏପରି ଭୁଲ୍ କରିବେ ନାହିଁ। ୧୯୯୧ରେ ନରସିଂହ ରାଓଙ୍କ ସଂଖ୍ୟାଲଘୁ ସରକାର ସହିତ ମଧ୍ୟ ସମାନ ଉପମା ଦିଆଯାଇପାରେ। କଗ୍ରେସରେ ସବୁବେଳେ ସମାଜବାଦୀମାନଙ୍କର ପ୍ରାଧାନ୍ୟ ଥିଲା। ସେମାନଙ୍କର 'କେନ୍ଦ୍ରର ବାମ' ବିଚାରଧାରା ଥିଲା। କିନ୍ତୁ ନରସିଂହ ରାଓଙ୍କ ଦୁଃସାହସ ଓ ରାଜନୈତିକ ବିଚକ୍ଷଣତା ହିଁ ଦେଶର ଭବିଷ୍ୟତକୁ ବଦଳାଇ ଦେଇଥିଲା। ରାଓ ନିଜ ଦଳର ସଦସ୍ୟଙ୍କ ବିରୋଧରେ ଯାଇ 'ବାଲାନ୍ସ ଅଫ୍ ପେମେଣ୍ଟ' ସଙ୍କଟ ସମୟରେ ଅର୍ଥନୀତିକୁ ଖୋଲିବା ପାଇଁ ଯଥେଷ୍ଟ ସାହସୀ ଥିଲେ।

ବ୍ରିଟେନ ହେଉଛି ପାଶ୍ଚାତ୍ୟର ଆଧାର। ବ୍ରିଟେନରେ ଏକ ସ୍ଥିର ସରକାର ସମଗ୍ର ବିଶ୍ୱ ପାଇଁ ୦ସ୍ୱାଗତଯୋଗ୍ୟ ଖବର। ଭାରତ ବ୍ରିଟେନର ମିତ୍ର। ଉଭୟ ଦେଶ ଗଣତାନ୍ତ୍ରିକ ଆଦର୍ଶର ଆଧାରରେ ଗଢ଼ି ଉଠିଛନ୍ତି। ଉଭୟ ଦେଶ 'ସଫ୍ଟ ପାୱାର' ପାଇଁ ବେଶ୍ ପରିଚିତ। ଦୀପାବଳି ସୁଦ୍ଧା ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ହେବାର ଥିଲା। ତେଣୁ ସୁନକ ଓ ମୋଦିଙ୍କ ମଧ୍ୟରେ ପ୍ରଥମ ଲକ୍ଷ୍ୟ ହେଉଛି ଚୁକ୍ତି ସ୍ୱାକ୍ଷର କରିବା ଓ ବନ୍ଦ କରିବା। ଦୁଇ ଦେଶ ମଧ୍ୟରେ ଅନ୍ୟ ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ବ୍ରିଟେନର ଇମିଗ୍ରେଶନ ନୀତି। ଟ୍ରସଙ୍କ ଗୃହ ସଚିବ ଦେଇଥିବା ଏକ ଇମିଗ୍ରେଶନ ବିରୋଧୀ ବୟାନ ସମ୍ପୂର୍ଣ୍ଣ ମୁକ୍ତ ବାଣିଜ୍ୟ ଚୁକ୍ତି ପ୍ରକ୍ରିୟାକୁ ବାଟବଣା କରିଦେଇଛି। ଭାରତୀୟ ବଂଶୋଦ୍ଭବ ବ୍ରିଟେନର ଜଣେ ପ୍ରଧାନମନ୍ତ୍ରୀ ପୂର୍ବରୁ ବ୍ରିଟେନରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ କଡ଼ା ସଙ୍କେତ ଦେଇସାରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ବ୍ରିଟେନର ସମର୍ଥନ ଖୋଜୁଛି।

ସୁନକଦୃଢ଼ଆର୍ଥିକପରିଚାଳକଭାବେସୁନାମଅର୍ଜନ କରିପାରନ୍ତି। ମହାମାରୀ ସମୟରେ ସେ ସରକାରଙ୍କ ଆର୍ଥିକ ପ୍ରତିକ୍ରିୟାର ନେତୃତ୍ୱ ନେଇଥିଲେ। ଆର୍ଥିକ ପରିଚାଳନା ତାଙ୍କର କଷ୍ଟସାଧ୍ୟ କାମ ନୁହେଁ। ତାଙ୍କଠାରୁ ଆଶା କରାଯାଉଥିବା ନୀତିକୁ ନେଇ ନିଶ୍ଚିତତା ରହିଛି।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ: ୯୯୬୭୧୦୨୨୬୪

## ଏଇ ଭାରତରେ

ଭବିଷ୍ୟତରେ ଜଳ ସଙ୍କଟ ଦେଖାଦେବ। ଏଥିପାଇଁ ଏବେଠାରୁ ଏହାର ବିକଳ୍ପ ଖୋଜିବାରେ ଲାଗିଛନ୍ତି ଅନେକ ବ୍ୟକ୍ତି, ଯେଉଁମାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ବେଙ୍ଗାଲୁରୁର ବିକାଶ ବ୍ରହ୍ମବର। ବିକାଶ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଘର, ମଲ୍ ଆଦିର ଦୂଷିତ ପାଣିକୁ ପାନୀୟ ଉପଯୋଗୀ କରୁଛନ୍ତି। ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଓ ଇଣ୍ଟରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ଦୂଷିତ ପାଣିକୁ ପାନୀୟଯୋଗ୍ୟ କରୁଛନ୍ତି। ସେ ପ୍ରଥମେ ଲଣ୍ଡନରେ କାମ କରୁଥିଲେ ଓ ୨୦୦୮ରେ ଭାରତକୁ ଫେରି ପ୍ରଥମେ ଏକ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରିଥିଲେ। ପରେ ୨୦୧୪ରେ ଦୂଷିତ ପାଣିକୁ ପାନୀୟଯୋଗ୍ୟ କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ବିକାଶ ବୋନସନ୍ ହ୍ୱାଇଟ୍‌ୱାଟର (ବିଡବ୍ଲ୍ୟୁଡବ୍ଲ୍ୟୁ) ପଦ୍ଧତିରେ ୧୧ଟି ସ୍ତରରେ ପାଣିକୁ ଫିଲ୍ଟର କରି ସେଥିରୁ ବିଭିନ୍ନ ପ୍ରକାର ଜୀବାଣୁ, ରାସାୟନିକ ଏବଂ ପ୍ରଦୂଷଣକାରୀ କଣିକା ଦୂର କରୁଛନ୍ତି। ଏବେ ବେଙ୍ଗାଲୁରୁ ଓ ହାଇଦ୍ରାବାଦର ଶିଳ୍ପ, ଆଇଟି ପାର୍କ, ମଲ୍ ଏବଂ ଆପାର୍ଟମେଣ୍ଟଗୁଡ଼ିକରେ ୱେଷ୍ଟ ୱାଟରକୁ ରିସାଇକେଲ କରୁଛନ୍ତି। ଏହି ପାନୀୟ ଜଳକୁ ନ୍ୟାଶନାଲ ଆକ୍ରିଡେଶନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବରେଶନ ଲାବୋରେଟୋରି(ଏନ୍‌ଏବିଏଲ୍) ପାନୀୟଯୋଗ୍ୟ ବୋଲି କହିଛି। ବିଡବ୍ଲ୍ୟୁଡବ୍ଲ୍ୟୁ ପଦ୍ଧତିରେ ଦିନକୁ ୩୦,୦୦୦ରୁ ୪୦,୦୦୦ ଲିଟର ଓ ବଡ଼ ମଲ୍‌ଗୁଡ଼ିକରେ ଦିନକୁ ୧,୫୦,୦୦୦ ଲିଟର ପାଣି ରିସାଇକେଲ ହୋଇପାରୁଛି ବୋଲି କହିଛନ୍ତି ବିକାଶ।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୭

- ଇସ୍ରାଏଲ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବା ପରେ ପ୍ରଥମ ଥର ନିମନ୍ତେ ଜୋର୍ଡାନରେ ନୂତନ ପାର୍ଲାମେଣ୍ଟ ପାଇଁ ନିର୍ବାଚନ ଅନୁଷ୍ଠିତ।
- କଂଗ୍ରେସ ସଭାପତି ସୀତାରାମ କେସରୀ ଅପ୍ରତ୍ୟାଶିତ ଭାବେ ୧୫ ଜଣ ଯୁଗ୍ମ ସମ୍ପାଦକଙ୍କୁ ସେମାନଙ୍କ ପଦରୁ ବହିଷ୍କାର କରିଛନ୍ତି।
- ଦଳବିରୋଧୀ କାର୍ଯ୍ୟକଳାପ ପାଇଁ ହିମାଚଳ ପ୍ରଦେଶର ଦୁଇ କଂଗ୍ରେସ ବିଧାୟକ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନର ଦ୍ୱାୟିତ୍ୱହୀନତା

ମହାଶୟ,

ସାଧାରଣ ଲୋକଙ୍କ ପାଇଁ ଝୁଲାପୋଲ ବା କେବୁଲ ବ୍ରିଜ ଭାରତର ଦୁର୍ଗମ ପାହାଡ଼ି ଇଲାକାର ନଦୀଗୁଡ଼ିକରେ ନିର୍ମାଣ କରାଯାଇଥାଏ। କିନ୍ତୁ ଝୁଲାପୋଲ ନିର୍ମାଣ କରିବା ପରେ ସ୍ଥାନୀୟ ମନ୍ତ୍ରୀ ଓ ନେତାମାନେ ନିଜ ନାମ ସହ ଫଳକ ଲଗାଇ ଉଦ୍‌ଘାଟନ କରିବା ପରେ ଭୁଲିଯାଆନ୍ତି ଓ ସେଗୁଡ଼ିକର ସ୍ଥାୟିତ୍ୱ ସମ୍ପର୍କରେ ଚିନ୍ତା କରିନଥାନ୍ତି। ଏପରିକି ରକ୍ଷଣାବେକ୍ଷଣ ଯାଞ୍ଚ କରିବାରେ ନିର୍ମାଣକାରୀ ସଂସ୍ଥା ଅବହେଳା କରିଥାଏ। ସମୟ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଝୁଲା ପୋଲକୁ କ୍ଷତି ପହଞ୍ଚାଇଥାଏ। ଫଳରେ ଦୁର୍ଭାଗ୍ୟବଶତଃ ଦୁର୍ଘଟଣା ଘଟି ବହୁ ଜନସାଧାରଣ ମୃତାହତ ହେଉଛନ୍ତି। ଗୁଜରାଟ ଝୁଲାପୋଲ ଦୁର୍ଘଟଣା ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଦ୍ୱାୟିତ୍ୱହୀନତାକୁ ଦାୟୀ କରାଯାଇପାରେ। ମୃତକଙ୍କ ପରିବାରକୁ ସାନ୍ତ୍ୱନା ଓ କ୍ଷତି ପୂରଣ ରାଶି ପ୍ରଦାନ କରି ପ୍ରଶାସନ ନିଜର କର୍ତ୍ତବ୍ୟବୋଧ ସମ୍ପାଦନ କରିବା ସମସ୍ୟାର ସମାଧାନ ନୁହେଁ, ବରଂ ଭାରତରେ ଯେତେସବୁ ଝୁଲାପୋଲ ନିର୍ମାଣ କରାଯାଇଅଛି, ସେଗୁଡିକର ରକ୍ଷଣାବେକ୍ଷଣ ଓ ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରିବା ପାଇଁ ପଦକ୍ଷେପ ନେବା ଉଚିତ। ଝୁଲାପୋଲର ନିର୍ମାଣକାରୀ ସଂସ୍ଥା ପୋଲର ଉପଯୁକ୍ତ ବ୍ୟବହାରିକ ସ୍ଥିତିକୁ ଅନୁଧ୍ୟାନ କରି ସରକାରଙ୍କୁ ଅବଗତ କରିବା ଆବଶ୍ୟକ। ଯେଉଁସ୍ଥାନରେ କେବୁଲ ବ୍ରିଜ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ସେଠାରେ ସ୍ଥାୟୀ କଂକ୍ରିଟ ବ୍ରିଜ ନିର୍ମାଣ କରିବା ପାଇଁ ବଜେଟରେ ଆର୍ଥିକ ଆବଣ୍ଟନର ବ୍ୟବସ୍ଥା ଗ୍ରହଣ କରିବା ଠିକ୍ ହେବ। ଗୁଜରାଟର ମୋର୍ବିସ୍ଥିତ ମାଛୁ ନଦୀରେ ଝୁଲାପୋଲ ଦୁର୍ଘଟଣା ଯେପରି ଅନ୍ୟ ସ୍ଥାନରେ ଥିବା ଝୁଲାପୋଲରେ ନ ଘଟୁ, ସେଥିପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ସଚେତନ ହେବା ଜରୁରୀ ।

-ଅଶୋକ କୁମାର ଆଢ଼୍ୟ ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରମେ ମୋହର ଅମୃତ ଗଲା ବରଷି
ଶତ ଧାରେ
କିବା ଉତ୍ସବେ ଉଠିଲା ଏ ଦେହ ହରଷି
ବାରେ ବାରେ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | | | | | | 2 |
| | | | | | | 7 | | 8 |
| 2 | | 9 | | | 8 | | 5 | |
| | | 4 | 6 | | | | | |
| 9 | | | 2 | | | 5 | | 7 |
| | 5 | | | | | 6 | | |
| | | | | | 1 | 8 | 6 | 3 |
| | | | 5 | 8 | 3 | | | |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 1 | 4 | 5 | 7 | 9 | 6 | 2 |
| 2 | 5 | 6 | 9 | 3 | 8 | 4 | 1 | 7 |
| 9 | 7 | 4 | 6 | 2 | 1 | 8 | 3 | 5 |
| 3 | 2 | 9 | 8 | 7 | 4 | 1 | 5 | 6 |
| 5 | 6 | 7 | 3 | 1 | 9 | 2 | 4 | 8 |
| 1 | 4 | 8 | 2 | 6 | 5 | 7 | 9 | 3 |
| 6 | 9 | 2 | 1 | 8 | 3 | 5 | 7 | 4 |
| 4 | 8 | 5 | 7 | 9 | 6 | 3 | 2 | 1 |
| 7 | 1 | 3 | 5 | 4 | 2 | 6 | 8 | 9 |

ଗତକାଲିର ଉତ୍ତର

## ଆଜି କ'ଣ କେଉଁଠି

ରାୟଗଡ଼ା
- ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ
- ୨. ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଶୋଭାଯାତ୍ରା
- ୩. ରାୟଗଡ଼ା କପିଳାସ ରୋଡ୍‌ରେ ଖୋଲିବ ଲେନ୍ସକାର୍ଟରେ ଏକ୍ସକ୍ଲୁସିଭ ଶୋ'ରୁମ୍

## ସଂକ୍ଷେପରେ

### ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ତାଲିମ

ନନ୍ଦାହାଣ୍ଡି, ୪।୧୧(ଡି.ଏନ୍.ଏ.)- ନନ୍ଦାହାଣ୍ଡି ବ୍ଲକ ଏକମ୍ବା ଗ୍ରାମରେ ପ୍ରୟାସ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏକମ୍ବା ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳର ୪୦ ଜଣ ଅଗ୍ରଣୀ ଚାଷୀ, ଗୋଷ୍ଠୀସ୍ତରୀୟ ସଂଗଠନ ଓ ସ୍ୱେଚ୍ଛାସେବୀ ସଂସ୍ଥାର ସଦସ୍ୟଙ୍କୁ ୨ଦିନିଆ ତାଲିମ ଦିଆଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟେଶ୍ୱର ରେଡ୍ଡୀ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ଉପସ୍ଥିତ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଲାଭଜନକ ଫସଲ କରିବା ପାଇଁ ଉତ୍ସାହିତ କରିଥିଲେ। ବୃହତ ଉଠା ଜଳସେଚନ ପ୍ରକଳ୍ପର ସ୍କିମ ଅଫିସର ପ୍ରମୋଦ କୁମାର ବେହେରା, ବ୍ଲକ ଅଧିକାରୀ ଅମିତ କୁମାର ମଲ୍ଲିକ, ଅବସରପ୍ରାପ୍ତ କୃଷି ଅଧିକାରୀ ସୁରତ ମହାପାତ୍ର, ନନ୍ଦାହାଣ୍ଡି ପଞ୍ଚାୟତ କୃଷି ଅଧିକାରୀ ରବୀନ୍ଦ୍ର ନାଥ ମାଝି, ସିଟ୍ରାନ ଜିଲା ସଂଯୋଜକ ଜୟ ପ୍ରକାଶ ମଣ୍ଡଳ ଦୁଇ ଦିନିଆ ତାଲିମ ଶିବିରରେ ଏକମ୍ବା ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଖାଦ୍ୟଶସ୍ୟ ଅମଳ ପରବର୍ତ୍ତୀ ପ୍ରାଥମିକ ପ୍ରକ୍ରିୟାକରଣ ୟୁନିଟ ପ୍ରସ୍ତୁତି ନେଇ ଉପସ୍ଥିତ ତାଲିମ ପ୍ରଦାନ କରିଥିଲେ। ପ୍ରୟାସ ସଂସ୍ଥା। ସନ୍ତୋଷ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନନ୍ଦାହାଣ୍ଡିର ଦୁଇ କୃଷକ ସାଥୀ ଦିବାକର ମାଝି, ନିରାକାର ଭତ୍ରା ଏବଂ ନନ୍ଦାହାଣ୍ଡି ନାଏବ ସରପଞ୍ଚ ଘାସିରାମ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମଣ୍ଡେଇ କ୍ରୀଡ଼ା କମିଟି ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୪।୧୧(ବି.ପ୍ର.)- ଡିସେମ୍ବର ମାସ ୧୦ରୁ ୧୪ତାରିଖରେ ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଅନୁଷ୍ଠିତ ହେବ। ସ୍ଥାନୀୟ ସଂସ୍କୃତି ଭବନରେ ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମଣ୍ଡେଇ କ୍ରୀଡ଼ା କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଆନ୍ତଃ ବ୍ଲକ ମଣ୍ଡେଇ କପ ଫୁଟବଲ ଓ ଭଲିବଲ ମ୍ୟାଚ କରିବାକୁ ବୈଠକରେ ସ୍ଥିର ହୋଇଛି। ଏଥିରେ ଜିଲାର ୧୦ ବ୍ଲକ ସମେତ ନବରଙ୍ଗପୁର ଏବଂ ଉମରକୋଟ ପୌରପାଳିକା ଦଳ ଭାଗ ନେବେ। ଏହି ସମସ୍ତ ଖେଳ ନବରଙ୍ଗପୁର ଏବଂ ଉମରକୋଟ ଜୋନରେ ଅନୁଷ୍ଠିତ ହୋଇ ଫାଇନାଲ ମ୍ୟାଚ ନବରଙ୍ଗପୁରରେ ଖେଳାଯିବ। ଏଥିସମେତ ୪୦ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରିକେଟ ମ୍ୟାଚ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ସହସମ୍ପାଦକ ମନୋଜ ପଟ୍ଟନାୟକ, କୋଷାଧ୍ୟକ୍ଷ ହରେକୃଷ୍ଣ ପଣ୍ଡାଙ୍କ ସମେତ କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ପ୍ରହରାଜ, ପ୍ରଭାତ ପଟ୍ଟନାୟକ, ଗୋପାଳ ପଟ୍ଟନାୟକ, ଲିଙ୍ଗରାଜ ମହାନ୍ତି, ବିଭାଶିଷ ଦେ, ଅଜିତ ପରିଜା, ବ୍ରଜବନ୍ଧୁ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ାର ଫାଇନାଲ ମ୍ୟାଚ ମଣ୍ଡେଇ ମୁଖ୍ୟ ସମାରୋହ ଦିନ ଗୁଡିକରେ ଅନୁଷ୍ଠିତ ହେବ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ନବରଙ୍ଗପୁର,୪।୧୧ (ବି.ପ୍ର.)

ନବରଙ୍ଗପୁର ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ଏକ ଦାବିପତ୍ର ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କୁ ଦିଆଯାଇଛି। ଜିଲା ଡ୍ରାଇଭର ମହାସଂଘ ସଭାପତି ଦିଲ୍ଲୀପ କୁମାର ସୁନାଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଯାଇ ଅତିରିକ୍ତ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଅନେକ ସମୟରେ ଡ୍ରାଇଭରଭାବେ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ସୁରକ୍ଷା ପାଇଁ ଏକ ଆଇନ ପ୍ରଣୟନ, ପ୍ରତି ୧୦୦କିମି ଅନ୍ତରରେ ଗାଡି ପାର୍କିଂ ସୁବିଧା ସହ ଡ୍ରାଇଭରଙ୍କ ପାଇଁ ବିଶ୍ରାମାଗାର ଓ ଶୌଚାଳୟ ସୁବିଧା, ୫୫ବର୍ଷ ପରେ ଡ୍ରାଇଭରଙ୍କୁ ପେନଶନ ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭରଙ୍କୁ ୨୦ଲକ୍ଷ ବୀମା ରାଶି ଦେବସହ ଚିକିତ୍ସା ବାବଦରେ ୫ ଲକ୍ଷ ବୀମା ରାଶି ପ୍ରଦାନ କରିବାକୁ ଦାବି ହୋଇଛି। ଡ୍ରାଇଭରମାନଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା, ଆବାସ ଯୋଜନା ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା, ପିଲାଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ବ୍ୟବସ୍ଥା, ଲାଇସେନ୍ସ ପାଇଁ ସରକାର ୧୫ହଜାର ଟଙ୍କା ରଖିଛନ୍ତି ତାକୁ ହଟାଇବାକୁ ସଂଘ ଦାବି କରିଛି। ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ରୂପେ ପାଳନ କରିବା ପାଇଁ ସରକାର ଘୋଷଣା କରନ୍ତୁ ବୋଲି ଓଡିଶା ଡ୍ରାଇଭର ମହାସଙ୍ଘ ନବରଙ୍ଗପୁର ଜିଲା ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ପୂର୍ବରୁ ମଧ୍ୟ ଦାବି ପୂରଣ ପାଇଁ ଡ୍ରାଇଭରମାନେ ଦାବି କରି ଆସୁଥିବାବେଳେ ଏହାର ସୁଫଳ ମିଳିନି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ପୂର୍ବରୁ ଅନୁଷ୍ଠିତ ବୈଠକରେ ଜିଲା ଡ୍ରାଇଭର ମହାସଂଘ ଆଇନ ପରାମର୍ଶଦାତାଭାବେ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି କୁନା ଗୌଡ଼ଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ସଂଘ ସଦସ୍ୟମାନେ ଯୋଗ ଦେଇଥିଲେ।


ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

**୧୦ ଦଫା ଦାବି ଜଣାଇଲା ଜିଲା ଡ୍ରାଇଭର ମହାସଂଘ**

# ଗେଟ୍ ଜଗିଲେ, ବିଳମ୍ବରେ ଆସୁଥିବା କର୍ମଚାରୀଙ୍କୁ ତାଗିଦ କଲେ

ଉମରକୋଟ, ୪।୧୧(ସ୍ୱ.ପ୍ର.)

ବିଳମ୍ବରେ ଆସୁଥିବା କର୍ମଚଚାରୀଙ୍କୁ ତାଗିଦ୍ କରିବରକୁ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା ୨ ଘଣ୍ଟା ଉପସ୍ଥାନ ଖାତା ଧରି ମ୍ୟୁନିସିପାଲଟି ଗେଟ୍ ଅଗରେ ଜଗି ବସିଲେ। ଯେଉଁମାନେ ବିଳମ୍ବରେ ଆସିଥିଲେ ସେମାନଙ୍କୁ ତାଗିଦ୍ କରିବା ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

ପୌର ପରିଷଦ କାର୍ଯ୍ୟାଳୟକୁ ଲୋକେ ନିଜର ଅନେକ ସମସ୍ୟା ଓ ଅଭିଯୋଗ ନେଇ ଆସିଥାନ୍ତି। କିନ୍ତୁ କେତେଜଣ କର୍ମଚାରୀ ଅଫିସକୁ ଠିକ୍ ସମୟରେ ଆସୁ ନ ଥିବା ଓ ବିଳମ୍ବରେ ଆସୁଥିବାରୁ ଲୋକେ ହଇରାଣ ହେଉଥିବା ପୌରାଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ସେ ଶୁକ୍ରବାର ସକାଳେ ଠିକ୍ ୧୦ ଟାରେ ମ୍ୟୁନିସିପାଲଟି ଅଫିସରେ ପହଞ୍ଚିଥିଲେ। ଅନେକ କର୍ମଚାରୀ ଅଫିସ ଆସିନ ଥିବା ଦେଖି ପୌରାଧ୍ୟକ୍ଷା ଉପସ୍ଥାନ ଖାତା ଧରି ଦିନ ୧୦ରୁ ୧୨ ଟା ପର୍ଯ୍ୟନ୍ତ ଅଫିସ ସମ୍ମୁଖରେ ଚୌକି ପକାଇ ବସିଥିଲେ। ଡେରିରେ ଆସୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲାପାଳଙ୍କୁ ଜଣାଇବେ ବୋଲି ପୌରାଧ୍ୟକ୍ଷା କହିଛନ୍ତି। ଏ ନେଇ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ନାହିଁ ନବରଙ୍ଗପୁର ମିଟିଂକୁ ଯାଇଥିଲି ବୋଲି ସେ କହିଛନ୍ତି।


କାର୍ଯ୍ୟାଳୟ ବାହାରେ ପୌରାଧ୍ୟକ୍ଷା ରାଧା ଭତରା ବସିଛନ୍ତି।

**ଆକ୍ସନ ମୁଡ଼ରେ ଉମରକୋଟ ପୌରାଧ୍ୟକ୍ଷା**

## ଟ୍ରେନ୍ ତଳେ ମୁଣ୍ଡଦେଇ ଯୁବକଙ୍କ ଆତ୍ମହତ୍ୟା

ରାୟଗଡ଼ା ଅଫିସ,୪।୧୧

ରାୟଗଡ଼ା ରେଳଷ୍ଟେଶନ ୨ ନଂ. ପ୍ଲାଟଫର୍ମ ରେଳଧାରଣାରେ ମାଲବାହୀ ଟ୍ରେନ୍ ଚକାତଳେ ମୁଣ୍ଡଦେଇ ଶୁକ୍ରବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ତେବେ ଯୁବକଙ୍କ ପରିଚୟ ମିଳି ପାରି ନାହିଁ। ଜିଆର୍‌ପି ପକ୍ଷରୁ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ, ଯୁବକ ଜଣକ ସକାଳେ ବ୍ୟାଗ୍ ଧରି ୧ ନ. ପ୍ଲାଟଫର୍ମରେ ବୁଲୁଥିଲେ। ୨ ନଂ. ପ୍ଲାଟଫର୍ମରେ ଆସୁଥିବା ଏକ ମାଲବାହୀ ଟ୍ରେନ୍‌ର ଗତି ଧୀର ହେବା ପରେ ସେ ୧ ନମ୍ବର ପ୍ଲାଟଫର୍ମ ରେଳଧାରଣା ଡେଇଁ ଚଳନ୍ତା ମାଲବାହୀ ଟ୍ରେନ୍‌ର ଚକାତଳେ ମୁଣ୍ଡ ରଖି ଦେଇଥିଲେ। ଲୋକେ କିଛି ଭାବିବା ପୂର୍ବରୁ ଟ୍ରେନ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଏହି ଦୃଶ୍ୟ ଷ୍ଟେଶନ ସିସିଟିଭିରେ କଏଦ ହୋଇଛି। ତେବେ ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତଦନ୍ତ ଚାଲିଥିବା ସୂଚନା ମିଳିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com


@ ବିଘ୍ନେଶ୍ୱର


@ ପପୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡାକ୍ତର ଗିରଫ ନ ହେଲେ ଆତ୍ମହତ୍ୟା ଚେତାବନୀ ଦେଲେ ପୀଡ଼ିତା

ନବରଙ୍ଗପୁର,୪।୧୧(ବି.ପ୍ର)

**ଯୁବତୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ମାମଲା**

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଦାନ୍ତ ଡାକ୍ତର ସମ୍ବିତ୍ କୁମାର ସାଓ୍ୱାଲ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ପୀଡ଼ିତାଙ୍କ ପରିବାର ଗୁରୁବାର ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ କିନ୍ତୁ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରାଯାଇନାହିଁ। ଡାକ୍ତରଙ୍କୁ ଗିରଫ କରା ନ ଗଲେ ଆତ୍ମହତ୍ୟା କରିବେ ବୋଲି ପୀଡ଼ିତା ଚେତାବନୀ ଦେଇଛନ୍ତି। ଡାକ୍ତରଙ୍କୁ ଜଲ୍‌ଦି ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ନବରଙ୍ଗପୁର ମା' ଘର ଶାଖା ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ କହିଛନ୍ତି।

ଡାବୁଗାଁ ଥାନା ଅଞ୍ଚଳର ପୀଡ଼ିତା ଯୁବତୀ ଦାନ୍ତ ଦେଖାଇବାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଏହି ସମୟରେ ଡାକ୍ତର ସମ୍ବିତ୍ ନିଶାସକ୍ତ ଅବସ୍ଥାରେ ତାଙ୍କ ସହ ଦୁର୍ବ୍ୟବହାର କରିଥିବା ନେଇ ପୀଡ଼ିତାଙ୍କ ପରିବାର ଗୁରୁବାର ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୫୩୪/୨୨ରେ ମାମଲା ରୁଜୁ କରିଛି। ଏହା ପୂର୍ବରୁ ପୋଲିସ ଡାକ୍ତର ସମ୍ବିତ୍‌ଙ୍କୁ ଡାକି ପଚରାଉଚରା କରିଥିଲା। ଶୁକ୍ରବାର ଥାନାରେ ହାଜର ହେବାକୁ ନୋଟିସ ଦେଇ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। ପୋଲିସ ଗୁରୁବାର ପୀଡ଼ିତାଙ୍କୁ ନେଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ତଦନ୍ତ କରିଥିଲା। ଅଭିଯୋଗ ପରେ କେବଳ ପଚରାଉଚରା କରି ପୋଲିସ କାହିଁକି ଡାକ୍ତରଙ୍କୁ ଛାଡିଦେଲା ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଡାକ୍ତରଙ୍କୁ ଗିରଫ କରା ନ ଗଲେ ସମସ୍ତ ମହିଳା ଏକାଠି ହୋଇ ଆନ୍ଦୋଳନ କରିବେ ବୋଲି ମା' ଘର ଅଧ୍ୟକ୍ଷା ଚେତାବନୀ ଦେଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଡାକ୍ତର ସମ୍ବିତ୍ କିନ୍ତୁ ଥାନାରେ ହାଜର ହୋଇ ନ ଥିଲେ। ଏ ନେଇ ନବରଙ୍ଗପୁର ଥାନା ଏସ୍‌ଆଇ ପୂର୍ଣ୍ଣିମା ଟେଟେଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ଏ ନେଇ ଭାରପ୍ରାପ୍ତ ସିଡିଏମ୍‌ଓ କାହ୍ନୁଚରଣ ପାତ୍ରଙ୍କୁ ପଚାରିବାରୁ ଡାକ୍ତରଙ୍କୁ ପୋଲିସ ନେଇ ପଚରାଉଚରା କରିବା ସମ୍ପର୍କରେ ଜାଣିନାହିଁ। ପୋଲିସ ସିସିଟିଭି ଫୁଟେଜ୍ ନେଇଛି। ଡାକ୍ତର ସମ୍ବିତ୍ ଅସୁସ୍ଥତା କାରଣରୁ କିଛିଦିନ ଛୁଟିରେ ଅଛନ୍ତି ବୋଲି ସେ କହିଛନ୍ତି। ଏହାଛଡ଼ା ବିନା ତଦନ୍ତରେ ଯଦି ଡାକ୍ତରଙ୍କୁ ଗିରଫ କରାଯାଏ ତା'ହାଲେ ଅନ୍ୟ ଡାକ୍ତରମାନେ ବୈଠକ କରି ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ଡାକ୍ତର ସମ୍ବିତ୍‌ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନି।

# ସ୍ୱାବଲମ୍ବୀ ଡଙ୍ଗରିଆ ମହିଳା ପାଲଟିଛନ୍ତି ଉଦାହରଣ

ବିଷମକଟକ,୪।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ନିୟମଗିରି ପାଦଦେଶ କୁର୍ଲୀ, ଚାଙ୍ଗଡ଼ାଗୁଡ଼ା ଏବଂ ଡାଳିଆକୁଜି ପଞ୍ଚାୟତରେ ପାହାଡ଼ ଉପରେ ବସବାସ କରୁଥିବା ଆଦିମ ଜାନଜାତି ଡଙ୍ଗରିଆମାନେ ଯୁଗ ସହ ତାଳଦେଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଡଙ୍ଗରିଆ ମହିଳାମାନେ ଦେଶୀ କୁକୁଡ଼ା ଚାଷ, ମାଛ ଚାଷ, ଛତୁ ଚାଷ, ଛେଳି ଚାଷ, ହଳଦୀ ଗୁଣ୍ଡ ତିଆରି କରିବା, ପେପେର ପ୍ଲେଟ ତିଆରି କରବା ସାଙ୍ଗକୁ କପଡ଼ାଗୁନ୍ଦା ସିଲେଇରେ ସାମିଲ ହୋଇ ଆତ୍ମନିର୍ଭର ହେବା ସାଙ୍ଗକୁ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ଏବେ ପୁଣି ମହିଳାଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ୯ ଡଙ୍ଗରିଆ ମହିଳାଙ୍କୁ କୁକୁଡ଼ା ଅଣ୍ଡା ଉତ୍ପାଦନ କରି ବିକ୍ରି କରିବା ପାଇଁ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ପକ୍ଷରୁ ଲେହେର ୟୁନିଟ ଯୋଗାଇ ଦିଆଯାଇଛି। ପୂର୍ବରୁ ଏହି ୩ ପଞ୍ଚାୟତର ଡଙ୍ଗରିଆମାନେ କେବଳ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିଲେ। ଜଙ୍ଗଲଜାତ ଦ୍ରବ୍ୟ ଭାରରେ ବୋହି ମାଇଲ ମାଇଲ ବାଟ ଚାଲି ସହରକୁ ବିକ୍ରି ପାଇଁ ନେଉଥିଲେ। ଏଥିରୁ ସେମାନଙ୍କ ପରିବାର ଚଳୁଥିଲା। ଏବେ ରାଜ୍ୟ ସରକାରଙ୍କ ସହଯୋଗରେ ଡଙ୍ଗରିଆଙ୍କ ଜୀବନ ଓ ଜୀବିକାରେ ପରିବର୍ତ୍ତନ ହୋଇଛି। ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ(ଓପିଲିପ୍) ସ୍ଥାପନ ପରେ ନିୟମଗିରିରେ ବିକାଶର ଧାରା ଆଗେଇଛି। ଉଚ୍ଚ ଶିକ୍ଷିତ ଡଙ୍ଗରିଆ ଯୁବତୀ ଯୁବକଙ୍କୁ ଉପାର୍ଜନ ପନ୍ଥାରେ ସାମିଲ କରାଯାଇଛି। ଓପିଲିପ୍‌ର ପ୍ରକଳ୍ପ ପରିଚାଳ ସୁଦର୍ଶନ ପାଢ଼ୀ ୨୦୧୭ ରୁ ପ୍ରଥମେ ନିୟମଗିରି ଅଞ୍ଚଳରେ ଲୋକଙ୍କୁ ସଚେତନ କରିଥିଲେ। ପରେ ଅଞ୍ଚଳରେ ବିକାଶଧାର ଯେପରି ଆଗେଇବ ସେ ନେଇ ପଦକ୍ଷେପ ନେଇ ସଫଳ ହୋଇଥିଲେ ବୋଲି ନିୟମଗିରି ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଆନୁଦାନ ରାଶିରେ ଏବେ ଓପିଲିପ୍ ଡଙ୍ଗରିଆ ମହିଳାଙ୍କ ବିକାଶ ଦିଗରେ ଆଉ ଏକ ପାଦ ଆଗକୁ ଯାଇ ୮ ଡଙ୍ଗରିଆ ମହିଳା ଏବଂ ଆଦିବାସୀ ସମ୍ପ୍ରଦାୟର ମହିଳାଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିଛି। ସେମାନଙ୍କୁ ୨୭ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଛି। ଏହି ଟଙ୍କାରେ ୯ଟି ଲେହେର ୟୁନିଟ ଟ୍ରେ କିଣାଯାଇଛି। ଏଥିରେ ୪୦ କୁକୁଡ଼ା ରହିବେ ଏବଂ ପ୍ରତ୍ୟେକ ଦିନ ୪୦ ଅଣ୍ଡା ଦେବେ। ମହିଳାଙ୍କୁ ଦିଆଯାଇଥିବା କୁକୁଡ଼ା ୮ ମାସରୁ ୧୦ ମାସ ପର୍ଯ୍ୟନ୍ତ ଅଣ୍ଡା ଦେଇପାରିବେ। ମହିଳାମାନେ ଗୋଟିଏ ଅଣ୍ଡାକୁ ୬ ଟଙ୍କାରେ ବିକ୍ରି କରିବା ସହ ଦିନକୁ ୨୪୦ ଟଙ୍କାର ଅଣ୍ଡା ବିକ୍ରି ହେଉଛି। କୁକୁଡ଼ା ଦାନା ବାବଦକୁ ୧୧୦ ଟଙ୍କା ଖର୍ଚ୍ଚ କରିବା ପାଇଁ ପଡୁଥିବା ବେଳେ ଦୈନିକ ୧୩୦ ଟଙ୍କା ଲାଭ ପାଉଛନ୍ତି। ଆଗାମୀ ଦିନରେ ନିୟମଗିରି ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ରହିଥିବା ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ଓପିଲିପ୍‌ର ପ୍ରକଳ୍ପ ପରିଚଳକ ପ୍ରକାଶ କରିଛନ୍ତି।




- କୁକୁଡ଼ା ଚାଷ ଦେଇଛି ରୋଜଗାର
- ଡିକେଡିଏ ପକ୍ଷରୁ ଚାଲିଛି ଜନଜାତିଙ୍କ ବିକାଶ କାର୍ଯ୍ୟକ୍ରମ

## କଲେଜରେ ନାଟକ ମାକ୍‌ବେଥ୍‌ର ରୂପାନ୍ତରଣ

ରାୟଗଡ଼ା ଅଫିସ,୪।୧୧

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ସ୍ଥାନୀୟ ସମ୍ମିଳନୀ କକ୍ଷରେ ବିଶ୍ୱର ମହାନ ନାଟ୍ୟକାର ୱିଲିୟମ ସେକ୍ସପିଅରଙ୍କ ବିଖ୍ୟାତ ଟ୍ରାଜେଡ଼ି 'ମାକ୍‌ବେଥ୍' ଉପରେ ଏକ ନାଟକ ଆୟୋଜନ କରାଯାଇଥିଲା। କଲେଜର ଅଧ୍ୟକ୍ଷା ଭି.ଆର୍. ରତ୍ନଶ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ନାଟକକୁ ପ୍ରଧାପକ ରୋହିତ ପାରାଭୋଇ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ବରିଷ୍ଠ ପ୍ରାଧାପକ ପ୍ରସନ୍ନ କୁମାର ଗନ୍ତାୟତ, ବବିଲତା ଶ୍ରଫ୍, ଅରୁଣ କୁମାର ଖାଡ଼ଙ୍ଗା, ସରସ୍ୱତୀ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ନାଟକରେ ଇଂଲିଶ ବିଭାଗ ଛାତ୍ରୀଛାତ୍ର ଅଶ୍ୱିନୀ ଦୀପ, ସୁମତୀ ବିଶ୍ୱାଳ, ସୋନାଲି ରାଣା, ସସ୍ମିତା ଉଲାକା, ବନିତା ଚୌଧୁରୀ, କ୍ଷୀରସିନ୍ଧୁ ନାୟକ, ପ୍ରବୀଣ କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନାଟକର ସଫଳ ରୂପାନ୍ତରଣ ପାଇଁ ଅଧ୍ୟକ୍ଷା ଓ ବରିଷ୍ଠ ପ୍ରାଧାପକ ଛାତ୍ରୀଛାତ୍ରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ବିଭାଗୀୟ ଅଧାପକ ଶ୍ରୀନିବାସ ଆଚାରୀ, ଉଦୟ ନାଏକ, ଅନନ୍ତ ଶବର ଏବଂ ଆଶୁତୋଷ ବିଶ୍ୱାଳ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।



# ଉଦ୍‌ଘାଟନର ମାସେ ପରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ

ରାୟଗଡ଼ା ଅଫିସ, ୪।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଘୋଷଣାର ୩୦ ବର୍ଷ ପୁରିଛି। ହେଲେ ଅନେକ ଅଞ୍ଚଳକୁ ଏବେବି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଏବଂ ଗମନାଗମନ ସୁବିଧା ଅପହଞ୍ଚ। ଦୁର୍ଗମ ଅଞ୍ଚଳରେ ବିକାଶ କେବଳ ପ୍ରତିଶ୍ରୁତିରେ ସୀମିତ। ନାଗାବଳୀ ନଦୀ ଅପରପାର୍ଶ୍ୱରେ ବସବାସ କରୁଥିବା ରାୟଗଡ଼ା ସଦର ବ୍ଲକ ଅନ୍ତର୍ଗତ ହାଟଶେଷଖାଲ ଏବଂ କେରଡ଼ା ପଞ୍ଚାୟତର ୧୮ ଖଣ୍ଡ ଗାଁର ଲୋକଙ୍କ ସ୍ଥିତି ଦେଖିଲେ ଏହା ସ୍ପଷ୍ଟ ଅନୁମେୟ। କେତେକ ଗାଁକୁ ରାସ୍ତା ନ ଥିବାବେଳେ ଆଉ କେତେକ ଗାଁର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ସ୍ୱପ୍ନ। ନାଗାବଳୀ ନଦୀ ଏମାନଙ୍କ ପାଇଁ ମୁଖ୍ୟରାସ୍ତା ଏବଂ ଖଟିଆ ଓ ଷ୍ଟ୍ରେଚର ରୋଗୀ ଓ ଗର୍ଭବତୀଙ୍କ ପାଇଁ ପାଲଟିଛି ଆମ୍ବୁଲାନ୍ସ।

ଉକ୍ତ ୧୮ ଖଣ୍ଡ ଦୁର୍ଗମ ଗାଁର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୩୦ ବର୍ଷ ତଳେ ନଦୀ ଅପରପାର୍ଶ୍ୱ ଖିଲମିସଗୁଡ଼ାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ହେଲେ ପ୍ରତିଷ୍ଠାର ମାସେ ମଧ୍ୟରେ ଏହା ବନ୍ଦ ହୋଇଯାଇଥିଲା। ଏଠାରେ ନିୟୋଜିତ କର୍ମଚାରୀଙ୍କୁ ନିକଟସ୍ଥ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୁମ୍ଭିକୋଟା ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ଖିଲମିସଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀସେବାରେ ନ ଲାଗି ଭଙ୍ଗା ଭୁତକୋଠି ପାଲଟିଛି। ଏଠି କେବେ ଡାକ୍ତରଖାନା ଥିଲା ବୋଲି ଏବେକାର ଯୁବପିଢ଼ି ଜାଣିନାହାନ୍ତି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ ନିକଟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ ନ ଥିବାରୁ ଅନେକ ସମୟରେ ଏମାନେ ଗୁଣିଆ, ଗାଁ ବଇଦ ଏବଂ ଦିଶାରୀଙ୍କ ସାହାରା ନେଉଛନ୍ତି। ଅନ୍ୟପକ୍ଷରେ ସରକାରୀ ନଥିପତ୍ରରେ ଖିଲମିସଗୁଡ଼ାରେ ଏବେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ସୂଚନା ଦେଇଛନ୍ତି। ଡାକ୍ତରଖାନା ରହିଛି କିନ୍ତୁ ଦୀର୍ଘ ବର୍ଷ ହେଲା ତାହା କାର୍ଯ୍ୟକ୍ରମ ହେଉନାହିଁ। ତେଣୁ ସେଠାକାର ରୋଗୀଙ୍କୁ ନିକଟସ୍ଥ ଜେମାଦେଇପେଣ୍ଠରେ ଚିକିତ୍ସା କରାଯାଉଛି ବୋଲି ସେ କହିଛନ୍ତି। ଏଥିସହ ଆଗକୁ ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର କିପରି କାର୍ଯ୍ୟକ୍ଷମ ହେବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ଡା. ରାଉତରାୟ ପ୍ରକାଶ କରିଛନ୍ତି।

ସେହିପରି ହାଟଶେଷଖାଲ ପଞ୍ଚାୟତ ଅନ୍ତର୍ଗତ ତାରମ, ରାଣାଗୁଡ଼ା, କେରାଣ୍ଡି ଗ୍ରାମ ଏବଂ କେରେଡ଼ା ପଞ୍ଚାୟତର ଖିଲିମିସ୍‌ଗୁଡା ଓ ଆମ୍ବାଲୱାଲସା ଗ୍ରାମବାସୀ ସବୁଠାରୁ ଅଧିକ ସମସ୍ୟାରେ ଅଛନ୍ତି। ଖିଲମିସଗୁଡ଼ା, ରାଣାଗୁଡ଼ା, କେରାଣ୍ଡି, ଲୁମ୍ବେସୁ, କାସଡ଼ା, ତରାମ୍, ପାଲମପୁଲିସ, ଚମ୍ପି ଏବଂ ଦୁର୍ଗାପାଡୁ ସମେତ ୧୮ ଗାଁର ଲେକେ ଯାତାୟାତ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପକ୍କାରାସ୍ତା ଟିଏ ହୋଇପାରୁ ନାହିଁ। ଫଳରେ ଗ୍ରାମବାସୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ସମସ୍ୟା ଭୋଗୁଥିବା ଶେଷଖାଲ ପଞ୍ଚାୟତର ସମିତି ସଭ୍ୟ କ୍ରିଷ୍ଣା କଲାକା, ଗ୍ରାମବାସୀ ପ୍ରଦୀପ କଲାକା, ମାନୁ କଣ୍ଡାଗରି ପ୍ରମୁଖ ପ୍ରକାଶ କରିଛନ୍ତି। ଜିଲା ସଦର ଠାରୁ ମାତ୍ର ୧୫ କି.ମି. ଦୂର ମୁଖ୍ୟରାସ୍ତା ଅପରପାର୍ଶ୍ୱ ଗାଁର ଦୃଶ୍ୟ ଏଭଳି ହୋଇଥିବାବେଳେ ଅନ୍ୟ ବ୍ଲକ ଅଞ୍ଚଳର ବିକାଶ ଏଥିରୁ ସ୍ପଷ୍ଟ ହେଉଛି।


ଅବ୍ୟବହୃତ ସ୍ୱାସ୍ଥ୍ୟକେନ୍ଦ୍ର କୋଠା।

- ୩୦ ବର୍ଷ ତଳର କୋଠା ଏବେ ଭୂତକୋଠି
- ମୌଳିକ ସୁବିଧାରୁ ବଞ୍ଚିତ ୧୮ ଖଣ୍ଡ ଗାଁ
- ୩୦ ବର୍ଷର ଜିଲା, ଅପହଞ୍ଚ ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା

